## ସଂକ୍ଷେପରେ

### ଆକ୍ରମଣ ଅଭିଯୋଗରେ ୨ ଗିରଫ



ତାଳଚେର,୧୨।୨(ନି.ପ୍ର.): ତାଳଚେର ବ୍ଲକ କଙ୍କିଳି ଗ୍ରାମର ସିପୁନ ସାହୁଙ୍କୁ ଆକ୍ରମଣ କରିବା ଅଭିଯୋଗରେ ତାଳଚେର ପୋଲିସ ମଙ୍ଗଳବାର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଦଲ ମହାରଣା ଓ ସୁମିତ ସାହୁ। ଅଭିଯୋଗ ମୁତାବକ, ସୋମବାର ସିପୁନ ବସ୍‌କୁ ଅପେକ୍ଷା କରିଥିବାବେଳେ ୩ ଜଣ ଯୁବକ ସେଠାରେ ପହଞ୍ଚି ସିପୁନଙ୍କ ସହ ଝଗଡା କରିଥିଲେ। ପରେ ମାଡ଼ ମାରିବା ସହ ଏକ ମଦ ବୋତଲରେ ଆକ୍ରମଣ କରି ତାଙ୍କଠାରୁ ମନିପର୍ସ, ସୁନା ମୁଦି ଆଦି ନେଇଯାଇଥିଲେ। ଏ ନେଇ ସିପୁନଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୪୨/୧୯ରେ ଏକ ମାମଲା ରୁଜୁ କରି ବାଦଲ ଓ ସୁମିତଙ୍କୁ ଗିରଫ କରିଥିଲା।

### ୪ କୋଇଲା ଗାଡ଼ି ଜବତ

ତାଳଚେର/କଣିହାଁ, ୧୨।୨(ନି.ପ୍ର./ଡି.ଏନ.ଏ.): ସମଲ ପୋଲିସ ଜିନ୍ଦଲ ପାଣିପମ୍ପ ନିକଟ ରାସ୍ତାରୁ ସୋମବାର ରାତିରେ ୪ଟି କୋଇଲା ବୋଝେଇ ଗାଡ଼ି ଜବତ କରିଛି। ପାଟ୍ରୋଲିଂବେଳେ ପୋଲିସ ଏକ ୬ ଚକିଆ ଟ୍ରକ(ନଂ. ଓଆର୧୯ବି-୬୮୧୮), ୧୦ ଚକିଆ ଟ୍ରକ୍(ନଂ.ଓଆର୧୯ଜେ-୮୮୧୯), ଏକ ମିନି ଟ୍ରକ୍(ନଂ. ଓଆର୧୫ବି-୧୪୮୮) ଓ ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓଆର୦୬ଜେ-୨୮୦୫) ଜବତ କରିଥିଲା। ଏଥିସହ ଗାଡ଼ି ଚାଳକ ଶରତ ମହାପାତ୍ର, ଯଶୋବନ୍ତ ଦେହୁରୀ, ଦେବାଶିଷ ମାଝି, ହେଲପର ଗଣେଶ୍ୱର ପ୍ରଧାନ, ଶ୍ରମିକ ମିଲୁ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ନଂ. ୩୩/୧୯ରେ ମାମଲା ରୁଜୁ ହୋଇଛି। ଏଥିରେ ୫୦ ଟନ୍‌ରୁ ଅଧିକ କୋଇଲା ଥିବା ପୋଲିସ କହିଛି।

### ତାଲା ଭାଙ୍ଗି ସୁନାଗହଣା ଲୁଟ୍



ବଅଁରପାଳ, ୧୨।୨ (ଡି.ଏନ୍.ଏ): ବଅଁରପାଳ ବ୍ଲକସ୍ଥିତ ନାଲ୍‌କୋ କଲୋନୀରେ ରହୁଥିବା ନାଲ୍‌କୋ ହସ୍ପିଟାଲର ଡାକ୍ତର ଅଂଶୁମାନ ଦାଙ୍କ କ୍ୱାର୍ଟର୍ସ ନମ୍ବର ସି ୩୧୩ରୁ ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ କବାଟ ତାଲା ଭାଙ୍ଗି ପ୍ରାୟ ୨୦ ଭରି ସୁନାଗହଣା ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ରବିବାର ଠାରୁ ପରିବାର ଲୋକ ବାହାରକୁ ଯାଇଥିଲେ। ମଙ୍ଗଳବାର କ୍ୱାର୍ଟର୍ସକୁ ଆସିବା ପରେ ଚୋରି ହୋଇଥିବା ଜଣାପଡିଥିଲା। ସେହିପରି ବି.୧୨୧୭ କ୍ୱାର୍ଟର୍ସରୁ ମଧ ଚୋରି ଉଦ୍ୟମ ହୋଇଥିବା ଜଣାପଡିଛି। ନାଲ୍‌କୋ କର୍ତ୍ତୃପକ୍ଷ କଲୋନୀରେ ସିକ୍ୟୁରିଟି କର୍ମଚାରୀଙ୍କୁ ନିୟୋଜିତ କରିବା ସତ୍ତ୍ୱେ କିପରି ଚୋରି ବଢିଚାଲିଛି ସେ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି।

■ ବିଦାୟୀଙ୍କୁ ବିଦାୟ, ନୂତନ ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

# 'ଛାଡ଼ିଯାଇଥିବା କାର୍ଯ୍ୟ ଆଗେଇ ନେବି'

ଅନୁଗୋଳ ଅଫିସ, ୧୨।୨

ପ୍ରଶାସନିକ କ୍ଷେତ୍ରରେ ପ୍ରାକ୍ତନ ଜିଲାପାଳଙ୍କ ରହିଛି ଯଥେଷ୍ଟ ଅଭିଜ୍ଞତା। ସେ ଛାଡ଼ିଯାଇଥିବା ସ୍ଥାନରୁ କାର୍ଯ୍ୟ ଆଗେଇ ନେବି। ଏଥିପାଇଁ ସହଯୋଗ ଯୋଗାଇବାକୁ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି ଅନୁଗୋଳର ନୂଆ ଜିଲାପାଳ ମନୋଜ କୁମାର ମହାନ୍ତି। ମଙ୍ଗଳବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲା ପ୍ରଶାସନ ପକ୍ଷରୁ ବିଦାୟୀ ଜିଲାପାଳ ଅନିଲ କୁମାର ସାମଲ ଓ ନୂତନ ଜିଲାପାଳଙ୍କ ପାଇଁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ ନୂଆ ଜିଲାପାଳ ମହାନ୍ତି ଏହା କହିଛନ୍ତି। ଏହି ଅବସରରେ ଉପସ୍ଥିତ ପ୍ରାକ୍ତନ ଜିଲାପାଳ ସାମଲ ଜିଲାରେ ସଫଳତାର ସହ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସଫଳତାର ଶ୍ରେୟ ବିଭାଗୀୟ କର୍ମଚାରୀମାନଙ୍କୁ ଦେବା ସହ ସମ୍ମିଳିତ ଭାବେ ନୂତନ ଜିଲାପାଳଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ଉପସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ପ୍ରାକ୍ତନ ଓ ନୂତନ ଜିଲାପାଳଙ୍କ ସହିତ କାର୍ଯ୍ୟ କରିବାର ଅନୁଭୂତି ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଉଭୟଙ୍କ ଦକ୍ଷତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପଜିଲାପାଳ ବାସୁଦେବ ଶତପଥୀ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ସମେତ ଜିଲା କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ। କର୍ମଚାରୀମାନଙ୍କ ପକ୍ଷରୁ ପ୍ରାକ୍ତନ ଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଓ ନୂତନ ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡେପୁଟି କଲେକ୍ଟର ବଇତୁରା ଦୀପ୍ ଆୟୋଜନରେ ସହଯୋଗ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ଜିଲାପାଳ ଜିଲା କାର୍ଯ୍ୟାଳୟ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ।



ପ୍ରାକ୍ତନ ଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

## ରହିଛି ଅନେକ ଆହ୍ୱାନ

୨୦୧୫ ନଭେମ୍ବର ୧୯ରେ ଅନୁଗୋଳ ଜିଲାର ଦାୟିତ୍ୱ ନେଇଥିଲେ ଅନିଲ କୁମାର ସାମଲ। ଦୀର୍ଘ ୩ବର୍ଷ ୩ମାସର କାର୍ଯ୍ୟକାଳ ମଧ୍ୟରେ ସେ ଅନେକ କାର୍ଯ୍ୟ କରିଥିଲେ ମଧ ଆହୁରି କେତେକ ପ୍ରକଳ୍ପ ଅଧୁରା ରହିଯାଇଛି। ଏହା ପୂରଣ କରିବା ନୂଆ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ପାଇଁ ଏକ ଆହ୍ୱାନ ବୋଲି କୁହାଯାଉଛି।

ପ୍ରାକ୍ତନ ଜିଲାପାଳଙ୍କ ଅମଳରେ ଅର୍ଥାତ୍ ୨୦୧୬ ସେପ୍ଟେମ୍ବର ୯ରେ ଆଠମଲ୍ଲିକ ବ୍ଲକ ପୁରୁଣାମାଣ୍ଡିତ୍ରୀ ଠାରେ ମହାରାଜା ବସ୍ ଦୁର୍ଘଟଣାରେ ୧୯ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ପ୍ରତି ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସେତେବେଳେ ଘୋଷଣା ହୋଇଥିଲା। କିନ୍ତୁ ଘଟଣାର ଅଢ଼େଇ ବର୍ଷ ପରେ ୧୪ ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ମିଳିପାରିଥିବା ବେଳେ ଏବେ ବି ୫ ପରିବାର ଅନୁକମ୍ପା ରାଶିରୁ ବଞ୍ଚିତ ରହିଛନ୍ତି। ସେହିପରି ଅନୁଗୋଳ ସହରର ବଡ଼ ସମସ୍ୟା ଅଳିଆ ଅଡୁଆ ତୁଟିପାରି ନାହିଁ। ଡମ୍ପିୟାର୍ଡ୍ ପାଇଁ ୨ଟି ଜାଗା ଥିଲେ ମଧ ଅଦ୍ୟାବଧି ଗୋଟିକରେ ବି କାର୍ଯ୍ୟ ହୋଇପାରି ନାହିଁ। ଜିଲାବାସୀଙ୍କ ବହୁ ଆକାଂକ୍ଷିତ ବସ୍ ଟର୍ମିନାଲ କାର୍ଯ୍ୟ ବି ଶେଷ ହୋଇପାରି ନାହିଁ। ଏଥିପାଇଁ ୨୦୧୨ ଏପ୍ରିଲ୍ ୯ରେ ଏମ୍‌ଓୟୁ ହୋଇଥିଲା। ୯.୭୨ ଏକର ଜାଗାରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପର ମୋଟ୍ ଖର୍ଚ୍ଚ ଅଟକଳ ଥିଲା ୫୬.୩୧ କୋଟି। ୨୦୧୮ ଡିସେମ୍ବର ସୁଦ୍ଧା କାର୍ଯ୍ୟ ସରିବ ବୋଲି ଠିକା ସଂସ୍ଥା ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ପ୍ରକଳ୍ପର ମୂଲ୍ୟ ଏବେ ପ୍ରାୟ ଶହେ କୋଟିରେ ପହଞ୍ଚିଥିବା ବେଳେ ଲକ୍ଷ୍ୟ ୨୦୧୯ ଜୁନ୍‌କୁ ଘୁଞ୍ଚି ଯାଇଛି। ସେହିପରି ଏମ୍‌ସିଏଲ୍ ପକ୍ଷରୁ ୨୦ ଲକ୍ଷ ଟଙ୍କାରେ ହେବାକୁ ଥିବା ଇ-ଲାଇବ୍ରେରୀ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ୧୫ଶହ ଲୋକ ବସିବା କ୍ଷମତା ଥିବା ସଭାଘର ସହ ମହାନଦୀ ପାଣି ସହରବାସୀଙ୍କୁ ଯୋଗାଇ ଦେବା ନିମନ୍ତେ କାର୍ଯ୍ୟ ଜାରି ରହିଛି। ଏସବୁ ଅଧାପନ୍ତରିଆ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ସହିତ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ଲୋକଙ୍କ ନିକଟରେ ଠିକଣା ଭାବେ ପହଞ୍ଚାଇବା, ଶିଳ୍ପାୟନ, ପ୍ରଦୂଷଣ, କ୍ଷତିଗ୍ରସ୍ତ, ବିସ୍ଥାପିତ ଏବଂ ସାତକୋଶିଆ ସମସ୍ୟାର ସମାଧାନ ଦିଗରେ ନୂଆ ଜିଲାପାଳ କାର୍ଯ୍ୟ କରିବେ ବୋଲି ଜିଲାବାସୀ ଆଶା ପ୍ରକଟ କରିଛନ୍ତି।




# ଅପରେଶନ୍ ପାଇଁ ଟଙ୍କା ମାଗିବା ଅଭିଯୋଗ

ଅନୁଗୋଳ ଅଫିସ, ୧୨।୨

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ତ୍ରୀ ଓ ପ୍ରସୂତି ବିଭାଗର ପିଛା ଛାଡୁନି ବିବାଦ। ବାରମ୍ବାର ହେଉଥିବା ଅଭିଯୋଗର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଉଥିଲେ ବି ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ଦିନକୁ ଦିନ ଲାଞ୍ଚ ମାଗିବା ଘଟଣା ବଢ଼ିବାରେ ଲାଗିଛି। ଢେଙ୍କାନାଳ ଜିଲାରୁ ଆସିଥିବା ଜଣେ ଗର୍ଭବତୀଙ୍କୁ ଅପରେଶନ ପାଇଁ ଡାକ୍ତର ୧୦ ହଜାର ଟଙ୍କା ମାଗିଥିବା ନେଇ ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ମହିଳାଙ୍କ ସ୍ୱାମୀ ମିଟୁ ପଟ୍ଟନାୟକ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, ଢେଙ୍କାନାଳ ଜିଲା କାମାକ୍ଷାନଗର ଶିବୁଲାପଶି ଗ୍ରାମର ମିଟୁ ପଟ୍ଟନାୟକ ତାଙ୍କ ସ୍ତ୍ରୀଙ୍କୁ ସୋମବାର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ବିଭାଗରେ ଭର୍ତ୍ତି କରିଥିଲେ। ପରୀକ୍ଷା ନିରୀକ୍ଷା ପରେ ଜଣେ ଡାକ୍ତର ପ୍ରସବ ପାଇଁ ଅପରେଶନ୍ କରିବାକୁ ପଡ଼ିବ ଓ ଏଥିପାଇଁ ୧୦ ହଜାର ଟଙ୍କା ଦେବାକୁ ମିଟୁଙ୍କୁ କହିଥିଲେ। ଏପରି କି ଟଙ୍କା ନ ଦେଲେ ଅପରେଶନ୍ କରାଯିବ ନାହିଁ ବୋଲି ମଧ ସ୍ପଷ୍ଟ କରିଦେଇଥିଲେ। ବହୁ ଅନୁରୋଧ ପରେ ବି ଡାକ୍ତର ନ ଶୁଣିବାରୁ ମିଟୁ ସ୍ତ୍ରୀଙ୍କୁ ଏକ ଘରୋଇ ନର୍ସିଂ ହୋମ୍‌କୁ ନେଇ ପ୍ରସବ କରାଇଥିଲେ। ମଙ୍ଗଳବାର ମିଟୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପାଖରେ ଏ ନେଇ ଲିଖିତ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି କହିଛନ୍ତି, ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଦାବି ପୂରଣ ପାଇଁ ଓକିଲ ସଂଘର ଧାରଣା



ଅନୁଗୋଳ ଅଫିସ, ୧୨।୨

୫ ଦଫା ଦାବି ପୂରଣ ପାଇଁ ଅନୁଗୋଳ ଓକିଲ ସଂଘ ପକ୍ଷରୁ ଅନୁଗୋଳ କୋର୍ଟ ପରିସରରେ ସଂଘ ସଭାପତି ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ସୋମବାର ପ୍ରଶାସନକୁ ଦାବିପତ୍ର ପ୍ରଦାନ ସହ ଓକିଲମାନେ ଧାରଣାରେ ବସିଥିବାରୁ କୋର୍ଟର କୌଣସି କାର୍ଯ୍ୟ ହୋଇପାରି ନ ଥିଲା। ସଂଘ ସଭାପତିଙ୍କ ସହ ଉପସଭାନେତ୍ରୀ ମମତା ପଟ୍ଟନାୟକ, ସମ୍ପାଦକ ଜିତେନ୍ଦ୍ର ସାହୁ, ସହ ସମ୍ପାଦକ ଚୌଧୁରୀ ପ୍ରଧାନ, କୋଷାଧ୍ୟକ୍ଷ କୁଶ ସାହୁ, ସାଂସ୍କୃତିକ ସମ୍ପାଦକ ଅରବିନ୍ଦ ସାହୁ, ବରିଷ୍ଠ ଆଇନଜୀବୀ ସୁବାସ ମିଶ୍ର, ରଜତ ଦାଶ, ଚିତ୍ତରଞ୍ଜନ ନାଏକ, ଗୋପାଳ ନାଥ, ଅମୂଲ୍ୟ ବେହେରା, ଗଣେଶ୍ୱର ସାହୁ, ଅଭୟ କୁମାର ବିଶୋୟୀ, ପାର୍ଥ ସାରଥି ପ୍ରଧାନ, ବିନୋଦ ବିହାରୀ ପ୍ରଧାନ, ଦୀପକ କୁମାର ସାହୁ, ଅଶୋକ ପଟ୍ଟନାୟକ, ବୈଷ୍ଣବ ଚରଣ ପାତ୍ର, ହିମାଂଶୁ ସାମଲ, ବୀରେନ ନାଏକ, ନିତ୍ୟାନନ୍ଦ ନାଏକ, ସମୀର ପ୍ରଧାନ, ଜ୍ୟୋତି ରଞ୍ଜନ ତ୍ରିପାଠୀ, ପ୍ରଦୀପ ଦେବତା, ହରିଶ ଦେହୁରୀ, ପୁରନ୍ଦର ପ୍ରଧାନ ପ୍ରମୁଖ ଧାରଣାରେ ବସିଥିଲେ।

# ରାସ୍ତା କଦର୍ଯ୍ୟ କରୁଛି ଓଭରଲୋଡିଂ ଟ୍ରକ୍

ପାଲଲହଡ଼ା, ୧୨।୨(ଡି.ଏନ.ଏ.)

ଠିକାସଂସ୍ଥାଗୁଡିକ ବେଆଇନ ଭାବେ ଟ୍ରକ୍ ଓଭରଲୋଡିଂ କରି ପରିବହନ କରୁଥିବା ଯୋଗୁ ରାସ୍ତା କଦର୍ଯ୍ୟ ହୋଇପଡୁଥିବା ଅଭିଯୋଗ କରିଛନ୍ତି ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡବାସୀ। ଏ ସମ୍ପର୍କରେ ବାରମ୍ବାର ପ୍ରଶାସନ, ପରିବହନ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ, ଦେଢ଼ବର୍ଷ ହେବ ପାଲଲହଡ଼ା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଦୋହରୀକରଣ କାର୍ଯ୍ୟ ଓରିଏଣ୍ଟାଲ ଷ୍ଟ୍ରକଚରାଲ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ ନାମକ ଠିକାସଂସ୍ଥା ହାତକୁ ନେଇଛି। ଉକ୍ତ ସଂସ୍ଥା ସ୍ଥାନୀୟ ଝିମିରିପାଲି ନିକଟ ଜାତୀୟ ରାଜପଥ ୧୪୯ ନଂ କଡ଼ରେ ନିଜର ଏକ କ୍ରଶର ସ୍ଥାପନ କରି ପ୍ରତିଦିନ ୧୦ ରୁ ୧୫ ଟି ଟ୍ରକ୍‌ରେ ରାସ୍ତା କାମ ପାଇଁ ପଥର, ମେଟାଲ, ବାଲି ଆଦି ପରିବହନ କରୁଛି। ହେଲେ ଏହି ପରିବହନ ବେଳେ ଉକ୍ତ ସଂସ୍ଥା ସରକାରଙ୍କ ପରିବହନ ବିଭାଗ ଦେଇଥିବା ମାପଦଣ୍ଡ ଠାରୁ ଅଧିକ ମାତ୍ରାରେ ଓଭରଲୋଡିଂ କରୁଥିବା ଅଭିଯୋଗ ହୋଇଛି। ଫଳରେ ୧୪୯ ନଂ ଜାତୀୟ ରାଜପଥର ଝିମିରିପାଲି ଠାରୁ ଶାସନସାହି ପର୍ଯ୍ୟନ୍ତ ବାଇପାସ ରାସ୍ତାଟି ଖାଲଖମାରେ ପରିଣତ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହାର ପ୍ରତିକାର କରା ନ ଗଲେ ଆନ୍ଦୋଳନ କରିବାକୁ ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

## ଅସନ୍ତୋଷ, ଆନ୍ଦୋଳନ ଚେତାବନୀ



ଏ ସମ୍ପର୍କରେ ତାଳଚେର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ମୋଟରଯାନ ନିରୀକ୍ଷକ ଦେବୀ ପ୍ରସାଦ ପାଢୀଙ୍କୁ ପଚାରିବାରେ କହିଛନ୍ତି, ଖୁବଶୀଘ୍ର ଏହାର ତଦନ୍ତ କରାଯିବା ସହ ଉକ୍ତ ଠିକା ସଂସ୍ଥାର ଗାଡିଗୁଡିକୁ ସିଜ୍ କରାଯିବ। ଏଥିସହ ଗାଡ଼ିଗୁଡିକରୁ ଜରିମାନା ଆଦାୟ କରାଯିବ। ପାଲଲହଡ଼ା ଡିଏସପି ରିତେଶ କୁମାର ମହାପାତ୍ର କହିଛନ୍ତି, ଯଦି ଏହା ସତ ହୋଇଥାଏ ତେବେ ମୋଟରଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ସଂକ୍ରାନ୍ତରେ ଠିକସଂସ୍ଥା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ମତାମତ ମିଳିପାରିନାହିଁ।



2146.2018C

## ସଂକ୍ଷେପରେ

### କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କୁ ସମ୍ବର୍ଦ୍ଧନା

ବଅଁରପାଳ, ୧୨।୨ (ଡି.ଏନ୍.ଏ.)- ଅନୁଗୋଳର ପୂର୍ବତନ ଜିଲାପାଳ ଅନିଲ କୁମାର ସାମଲଙ୍କୁ ରାଜ୍ୟ ସରକାର କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଭାବେ ଅବସ୍ଥାପିତ କରିବା ପରେ ସୋମବାର ଅନୁଗୋଳ ଉପଖଣ୍ଡ ସାମ୍ବାଦିକ ସଂଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘ ମୁଖ୍ୟ ଉପଦେଷ୍ଟା ସଂଗ୍ରାମ ରଞ୍ଜନ ଦାସଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ସଦସ୍ୟମାନେ ସରକାରୀ ବାସଭବନରେ ତାଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଏହି ଅବସରରେ ସାମଲ କହିଥିଲେ ଯେ, ଯେଉଁଠି ରହିଲେ ମଧ ଅନୁଗୋଳ ଖବରଦାତା ଓ ଜିଲାବାସୀଙ୍କ ପ୍ରତି ସର୍ବଦା ଭଲ ପାଇବା ରହିବ। ସଂଘ ସଭାପତି ଉପେନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ରାଜେଶ କୁମାର ନାୟକ, ଉପସଭାପତି ମାନସ ରଞ୍ଜନ ଦେହୁରୀ, ଶଶାଙ୍କ ଶେଖର ସାମଲ, ସଞ୍ଜୟ କୁମାର ବିଶୋଇ, ତାପସ କୁମାର ଜେନା, ସୁଶାନ୍ତ ସାମଲ, ଦିବ୍ୟରଞ୍ଜନ ସାମଲ, ରଞ୍ଜନ ସାମଲ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ କୁମାର ବିଶ୍ୱାଳ, ଶୁଭ୍ରରଞ୍ଜନ ଦାସ, ରଞ୍ଜିତ ଜେନା, ସୁଶୀଲ ଆଇଚ ପ୍ରମୁଖ ସମ୍ବର୍ଦ୍ଧନା ବେଳେ ଉପସ୍ଥିତ ଥିଲେ।

### ୧୭ରେ ମେଧାବୃତ୍ତି ପରୀକ୍ଷା

କଣିହାଁ, ୧୨।୨(ଡି.ଏନ.ଏ.)- ଆଞ୍ଚଳିକ ବିଦ୍ୟାର୍ଥୀ କଲ୍ୟାଣ ପରିଷଦ, ବିଜିଗୋଳ କଣିହାଁ ପକ୍ଷରୁ ଚଳିତ ବର୍ଷର ବ୍ଲକସ୍ତରୀୟ ମେଧାବୃତ୍ତି ପରୀକ୍ଷା ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ। ପବିତ୍ରମୋହନ ହାଇସ୍କୁଲ, ପବିତ୍ରନଗର ଉପ୍ରା ବିଦ୍ୟାଳୟ ଓ ବଜ୍ରକୋଟ ନୋଡାଲ ଉପ୍ରା ବିଦ୍ୟାଳୟ ଆଦି ୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ବ୍ଲକର ସମସ୍ତ ବିଦ୍ୟାଳୟର ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରମାନେ ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ। ମାନସିକ ଦକ୍ଷତା, ଗଣିତ, ଭାଷା, ବିଜ୍ଞାନ, ସାମାଜିକ ବିଜ୍ଞାନ ଆଦି ୫ଟି ବିଷୟରେ ମୋଟ ୫୦ ନମ୍ବରର ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର ସୁପରିଚାଳନା ପାଇଁ ରବିବାର ବିଜିଗୋଳଠାରେ ଏକ ବୈଠକ ବସିଥିଲା। ପରିଷଦର ଉପଦେଷ୍ଟା ସୁକାନ୍ତ ପ୍ରଧାନ, ବେଣୁଧର ପ୍ରଧାନ, ସଭାପତି ପଦ୍ମଚରଣ ମହାପାତ୍ର, ଉପସଭାପତି ବିଶିକା ଗଡନାୟକ, ସମ୍ପାଦକ ଋଷଭ କୁମାର ବେହେରା, ମୁନା ନାଏକ, ସୁଧାଂଶୁ ଶେଖର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ୟବସାୟୀଙ୍କ ମୃତ୍ୟୁରେ ଶୋକ

ବଇଣ୍ଡା, ୧୨।୨(ଡି.ଏନ.ଏ.)-ଆଠମଲ୍ଲିକ ବ୍ଲକ ଠାକୁରଗଡ ଲକ୍ଷ୍ମୀବଜାରର ବ୍ୟବସାୟୀ ବଳରାମ ସାହୁଙ୍କ ସୋମବାର ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ବିୟୋଗରେ ଶୋକ ବ୍ୟକ୍ତ ଉଦ୍ଦେଶ୍ୟରେ ବଜାର କମିଟି ପକ୍ଷରୁ ଦୋକାନ ବଜାର ବନ୍ଦ କରାଯିବା ସହ ଶୋକସଭା ପାଳନ କରାଯାଇଥିଲା।

### ବ୍ରାଉନ ସୁଗାର ଜବତ, ୩ ଅଟକ

ଅନୁଗୋଳ ଅଫିସ୍/ବଅଁରପାଳ, ୧୨।୨(ଡି.ଏନ.ଏ.)- ବ୍ରାଉନ ସୁଗାର କାରବାର ବେଳେ ନାଲ୍‌କୋ ଓ ଅନୁଗୋଳ ପୋଲିସ ମଙ୍ଗଳବାର ରାତିରେ ମିଳିତ ଭାବେ ଚଢ଼ାଉ କରି ୩ ଜଣଙ୍କୁ ଅଟକ ରଖିଛି। ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ-କୁରୁଡୋଲ ରାସ୍ତାରେ ଏହି କାରବାର ଚାଲିଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ତେବେ ଘଟଣାସ୍ଥଳରୁ ଆଉ ୨ ଜଣ ଖସି ଯାଇଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଅଟକ ଯୁବକଙ୍କଠାରୁ ପ୍ରାୟ ୧୦ ଗ୍ରାମର ବ୍ରାଉନ ସୁଗାର ଓ ୫ଶହ ଗ୍ରାମର ଗଞ୍ଜେଇ ଜବତ କରାଯାଇଛି। ଭୁବନେଶ୍ୱର ଓ ତାଳଚେର ଅଞ୍ଚଳରୁ ବ୍ରାଉନ ସୁଗାର ଆସିଥିବା ପଚରାଉଚରା ବେଳେ ଜଣାପଡିଛି ବୋଲି ସମ୍ପୃକ୍ତ ପୋଲିସ ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

■କୁମଣ୍ଡ ବସ୍ତି ଉଚ୍ଛେଦ ସ୍ଥଗିତ

# ଜାଗା ଖାଲି କରିବାକୁ ମାସେ ସମୟ



ତହସିଲଦାର ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ଅନୁଗୋଳ ଅଫିସ, ୧୨।୨**

ଅନୁଗୋଳ କୁମଣ୍ଡ ପଞ୍ଚାୟତରେ ଥିବା ୧୭ ଏକର ସରକାରୀ ଜାଗାରେ ଗଢ଼ି ଉଠିଥିବା ହରିଜନ ସାହିକୁ ଉଚ୍ଛେଦ କରିବାକୁ ମଙ୍ଗଳବାର ଯାଇଥିବା ପ୍ରଶାସନ ଖାଲି ହାତରେ ଫେରି ଆସିଛି। ସ୍ଥାନୀୟ ଲୋକମାନଙ୍କ ପ୍ରକୃତ ସମସ୍ୟା ହୃଦୟଙ୍ଗମ କରିବା ପରେ ଉଚ୍ଛେଦକୁ କିଛିଦିନ ପାଇଁ ରୋକାଯାଇଥିବା ବେଳେ ସାମୟିକ ଥଇଥାନ ନିମନ୍ତେ ଗୋଟିଏ ଏକର ଜାଗା ପ୍ରଦାନ କରାଯାଇଥିବା ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକ କହିଛନ୍ତି। ପ୍ରଶାସନ କଥାରେ ବସ୍ତି ବାସିନ୍ଦା ରାଜି ହେବା ସହ ଦିଆଯାଇଥିବା ଜାଗାରେ ୯୮ ପରିବାର ରହିବା ପାଇଁ ଏକ ମାସ ସମୟ ପ୍ରଶାସନ ନିକଟରୁ ନେଇଥିଲେ। ଏହି ସମୟସୀମା ମଧ୍ୟରେ ଯଦି ବସ୍ତିବାସିନ୍ଦା ସ୍ଥାନାନ୍ତର ନ ହୁଅନ୍ତି ତା'ହେଲେ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଅନୁଗୋଳ ତହସିଲଦାର ନାୟକଙ୍କ ସହ ବଅଁରପାଳ ତହସିଲଦାର ଜିତେନ୍ଦ୍ର କୁମାର ସାହୁ ଓ ପୋଲିସ ସକାଳୁ ଉଚ୍ଛେଦ ପାଇଁ ବସ୍ତିରେ ପହଞ୍ଚିଥିଲେ। ଏହା ଦେଖି ମହିଳାମାନେ ଧାରଣାରେ ବସିଯାଇଥିଲେ। ସେହିପରି ପୁରୁଷମାନେ ପ୍ରଶାସନ ସହ ଆଲୋଚନା କରିବାକୁ ଆଗେଇ ଆସିଥିଲେ। ସେମାନେ କହିଥିଲେ ଯେ, ୯୮ ପରିବାର ଏଠାରେ ଦୀର୍ଘ ୨୦ ବର୍ଷ ହେବ ରହି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ଘର ଯୋଗାଇ ଦିଆଯାଇଛି। ଅନ୍ୟମାନଙ୍କୁ ପଟ୍ଟା ପ୍ରଦାନ କରାଯାଇ ନାହିଁ। ଏପରି କି ସରକାରଙ୍କ ପକ୍ଷରୁ ସେଠାରେ ସମସ୍ତ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯାଇଛି। ବସ୍ତି ଉଚ୍ଛେଦ କରାଗଲେ ସେମାନେ ସମସ୍ୟାରେ ପଡ଼ିଯିବେ। ଏଥିସହ ପିଲାମାନଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯିବ। ଆଲୋଚନା ବେଳେ ଗୋଟିଏ ମାସ ମଧ୍ୟରେ ଜାଗା ଖାଲି କରି ପ୍ରଶାସନ ଦେଇଥିବା ଗୋଟିଏ ଏକର ଜମିରେ ରହିବାକୁ ବସ୍ତିବାସିନ୍ଦା ପ୍ରତିଶ୍ରୁତି ଦେବା ପରେ ଉଚ୍ଛେଦ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

## ଟାଟା ଏସିଇ ଓଲଟିଲା ଜଣେ ମୃତ, ୪ ଗୁରୁତର

**ବଇଣ୍ଡା, ୧୨।୨(ଡି.ଏନ.ଏ.)**

ଠାକୁରଗଡ ଥାନା ପୀତାଳିବାହାଳ ଗ୍ରାମ ନିକଟରେ ମଙ୍ଗଳବାର ଏକ ଟାଟା ଏସିଇ(ଓଡ଼ି ୧୯ ଏମ୍ ୩୩୨୫) ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଟାଟା ଏସିଇରେ ବସିଥିବା ପୀତାଳିବାହାଳ ଗ୍ରାମର ବସନ୍ତ ଖିଲାର(୨୨)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଡ୍ରାଇଭର ସେହି ଗ୍ରାମର ଶରତ ସାହୁ, ପ୍ରକାଶ ନାୟକ, ବଳରାମ ନାୟକ ଓ ଅମର ନାୟକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଗ୍ରାମବାସୀ ଓ ଠାକୁରଗଡ ପୋଲିସ ଆହତଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପୀତାଳିବାହାଳରୁ ମଇମୁରା ଅଭିମୁଖେ ଯାଉଥିବାବେଳେ ଟାଟା ଏସିଇଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ଗାଡ଼ି ଜବତ କରି ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି।

## ୨ୟ ଦିନରେ ଖଣିବନ୍ଦ ଆନ୍ଦୋଳନ

**କଣିହାଁ, ୧୨।୨(ଡି.ଏନ.ଏ.)**

ଖଣି କ୍ଷତିଗ୍ରସ୍ତ କଣିହାଁ ବ୍ଲକ ପଥରମୁଣ୍ଡା ଗ୍ରାମବାସୀ କ୍ଷତିପୂରଣ, ନିଯୁକ୍ତି ଓ ଥଇଥାନ ଦାବିରେ ଚଳାଇଥିବା ଆନ୍ଦୋଳନ ମଙ୍ଗଳବାର ୨ୟ ଦିନରେ ପହଞ୍ଚିଛି। ଏଥିଯୋଗୁ ଜେଏସ୍‌ପିଏଲର କଣିହାଁ ଓସିପିରୁ କୋଇଲା ଖନନ ଓ ପରିବହନ ବନ୍ଦ ରହିଛି। ଆଲୋଚନା ସତ୍ତ୍ୱେ କୌଣସି ସମାଧାନ ହୋଇପାରି ନ ଥିବା କଣିହାଁ ଥାନା ସୂତ୍ରରୁ ଜଣାପଡିଛି।

# ପୁସ୍ତକ ଶିଖାଏ ନୈତିକ ମୂଲ୍ୟବୋଧ




ଉଦ୍‌ଘାଟନୀ ମଞ୍ଚରେ ଅତିଥିମାନେ।

**ଅନୁଗୋଳ ଅଫିସ, ୧୨।୨**

ସାମାଜିକ କର୍ମୀ ଅନୁଷ୍ଠାନ ବିକଳ୍ପ ବିକାଶ ଓ ଅନୁଗୋଳ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଚତୁର୍ଦ୍ଦଶ ଅନୁଗୋଳ ଜିଲା ପୁସ୍ତକ ମେଳା ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସାହିତ୍ୟିକ ପ୍ରଫେସର କୁମୁଦ ଚନ୍ଦ୍ର ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ବିକଳ୍ପ ବିକାଶ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାଶ ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପ୍ରଫେସର ଦାଶ କହିଥିଲେ ଯେ, ପୁସ୍ତକ ମେଳା ଲୋକ ସଂଯୋଗର ଅନୁଷ୍ଠାନ। ଏହା ଜୀବନକୁ ଐଶ୍ୱର୍ଯ୍ୟମୟ କରେ। ନୈତିକ ମୂଲ୍ୟବୋଧ ଶିଖାଇବା ସହ ସଂସ୍କୃତିବନ୍ତ କରାଏ। ମୁଖ୍ୟବକ୍ତା ଭାବେ ଅନୁଗୋଳ ମହିଳା ମହାବିଦ୍ୟାଳୟର ଅଧାପକ ଅକ୍ଷୟ କୁମାର ପଣ୍ଡା ଯୋଗଦେଇ କହିଲେ ଯେ, ଇଣ୍ଟରନେଟ ଯୁବସମାଜକୁ କବଳିତ କରିଥିଲେ ମଧ ଏହା ପୁସ୍ତକର ସ୍ଥାନ ନେଇପାରିବ ନାହିଁ। ପୁସ୍ତକ ମଣିଷର ସବୁ ସମୟର ବନ୍ଧୁ। ଏହା ମଣିଷର ଚରିତ୍ର ଗଠନ ସହିତ ସମାଜ ପରିବର୍ତ୍ତନର ବାଟ ବତାଇଥାଏ। ଅନ୍ୟତମ ଅତିଥି ଅନୁଗୋଳ ଶିଶୁମଙ୍ଗଳ କମିଟିର ପୂର୍ବତନ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଗଡ଼ନାୟକ କହିଥିଲେ, ପୁସ୍ତକମେଳା ହେଉଛି ପ୍ରକାଶକ, ପାଠକ, ଲେଖକମାନଙ୍କ ଏକ ତ୍ରିବେଣୀ ସଙ୍ଗମ। ଆମେ ସମସ୍ତେ ଏହାକୁ ସହଯୋଗ କରିବା ଆବଶ୍ୟକ। ଅନୁଷ୍ଠାନ ଉପଦେଷ୍ଟା କବି ଡ.ଇନ୍ଦିରା ଦାଶ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ସହ ସମ୍ପାଦକ ପର୍ଶୁରାମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

■ମେଡିକାଲ ପରିସରରୁ ଶିଶୁ ମୃତଦେହ ମିଳିବା ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ସିଡିଏମ୍‌ଓ

**ଅନୁଗୋଳ ଅଫିସ, ୧୨।୨**

ଅନୁଗୋଳ ମେଡିକାଲ ପରିସରରୁ ସୋମବାର ଏକ ନବଜାତ ଶିଶୁ ପୁତ୍ରର ମୃତଦେହ ଉଦ୍ଧାର କରାଯାଇଥିଲା। ଉକ୍ତ ନବଜାତ ଶିଶୁଟି କାହାର ତାହାକୁ ନେଇ ନାନା କଳ୍ପନାଜଳ୍ପନା ଚାଲିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ନୀରବ ରହିଥିଲେ। ତେବେ ମଙ୍ଗଳବାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି। ସେ କହିଛନ୍ତି, ଘଟଣା ସମ୍ପର୍କରେ ଏଡିଏମ୍‌ଓ ମେଡିକାଲଙ୍କୁ ତଦନ୍ତ କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଭଳି ଘଟଣା କିପରି ହେଲା ତାହାର ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ମେଡିକାଲରେ ନବଜାତ ଶିଶୁ ମୃତଦେହ ଠାବ ହେବା ଓ ଶିଶୁ ଶରୀରରେ କିଛି କପଡ଼ା ସହ ମେଡିକାଲର ପଲିଥିନ ବ୍ୟବହୃତ ହୋଇଥିବାରୁ ଶିଶୁଟି ଚିକିତ୍ସାଳୟରେ ଜନ୍ମ ହୋଇଥିବା କୁହାଯାଉଛି। ଏହାର ଅନୁଧ୍ୟାନ କଲେ ନବଜାତ ଶିଶୁ ପୁତ୍ରର ମୃତ୍ୟୁ ସ୍ୱାଭାବିକ ଭାବେ ହୋଇଛି ନା ଅନ୍ୟ କୌଣସି କାରଣ ପାଇଁ ହୋଇଛି, ତାହା ଲୋକଲୋଚନକୁ ଆସିବ। ଏଥିସହ ଶିଶୁପୁତ୍ରକୁ କିଏ ସେଠାରେ ଫିଙ୍ଗିଛି ତାକୁ ନେଇ ମଧ ତଦନ୍ତ ହେବା ଆବଶ୍ୟକ ବୋଲି ସାମାଜିକ କର୍ମୀ ବ୍ରହ୍ମଜ୍ୟୋତି ମିଶ୍ର ସିଡବ୍ଲ୍ୟୁସିକୁ ଏକ ଚିଠି ଲେଖି ଦାବି କରିଛନ୍ତି। ମୃତଦେହ ସତ୍କାର ନ କରି ଫିଙ୍ଗି ଦେବା ମଧ ଅମାନବୀୟ। ଏଭଳି ଘଟଣା ଯେଉଁବ୍ୟକ୍ତି ଘଟାଇଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାମାଜିକ କର୍ମୀ ଦାବି କରିଛନ୍ତି। ସିଡବ୍ଲ୍ୟୁସି ପକ୍ଷରୁ ଏ ନେଇ ନଂ. ୯୧୩/୧୯ରେ ଏକ ପତ୍ର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରେରଣ କରାଯାଇଛି।

## ଅଗ୍ନିକାଣ୍ଡରେ ୩ ପରିବାର ସର୍ବସ୍ୱାନ୍ତ

**ଛେଣ୍ଡିପଦା, ୧୨।୨(ଡିଏନଏ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା କୁଶକିଳା ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଦଶମନ୍ତ ନାଏକ, ସମ୍ବାରୁ ନାଏକ, ବିଦେଶୀ ନାଏକଙ୍କ ୩ ବଖରା ଘର ଜଳିଯାଇଛି। ରୋଷେଇ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଛେଣ୍ଡିପଦା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ସମ୍ପୃକ୍ତ ପରିବାରର ସମସ୍ତ ଧନସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ପୂର୍ବତନ ସରପଞ୍ଚ ରାଜ କିଶୋର ସାହୁ କ୍ଷତିଗ୍ରସ୍ତଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି।

## ଜମି ଚିହ୍ନଟ ନ ହେଲେ ଅନଶନ

**ଆଠମଲ୍ଲିକ, ୧୨।୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ନୀଳକଣ୍ଠପଡା ଗ୍ରାମର ସଂଗ୍ରାମ କେଶରୀ ଚାଉଳିଆଙ୍କ ଜମି ଚିହ୍ନଟରେ ତହସିଲ ବିଭାଗ ପକ୍ଷରୁ ବିଳମ୍ବ କରାଯାଉଥିବା ଅଭିଯୋଗ ହୋଇଛି। ସଂଗ୍ରାମ ସ୍ଥାନୀୟ ଉପଜିଲାପାଳଙ୍କଠାରୁ ଆରମ୍ଭ କରି ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ ତାଙ୍କ ଜମି ଚିହ୍ନଟ କରାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ତୁରନ୍ତ ତହସିଲ ପକ୍ଷରୁ ଜମି ଚିହ୍ନଟ କରା ନ ଗଲେ ଆସନ୍ତା ୨୦ ତାରିଖ ଠାରୁ ସେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ମା' ବାୟାଣୀ କ୍ରିକେଟ : ନୂଆଗାଁ ଚାମ୍ପିୟନ

**ଛେଣ୍ଡିପଦା, ୧୨।୨(ସ୍ୱ.ପ୍ର.)**



ଛେଣ୍ଡିପଦା ବ୍ଲକ ପାତ୍ରପଡା ଗ୍ରାମ ଖେଳପଡିଆରେ ଚାଲିଥିବା ମା' ବାୟାଣୀ କ୍ରିକେଟ କପ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ରାଇପାଳ ଓ ନୂଆଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାଇପାଳ ବ୍ୟାଟିଂ କରି ୬୦ ରନ୍ କରିଥିଲା। ଜବାବରେ ନୂଆଗାଁ ୬୨ରନ କରି ବିଜୟୀ ସହ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ ବରସାହି ସରପଞ୍ଚ ବିଜୟ କୁମାର ଗଡନାୟକ ଓ ସମ୍ମାନିତ ଅତିଥି ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ, ଯୁବନେତା ବାସୁଦେବ ସାହୁ, ଲୁଲୁ ସାହୁ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଲମ୍ବୋଦର ସାହୁ ଓ ରାକା ସାହୁ ଖେଳ ପରିଚାଳନା କରିଥିଲେ। ଜନ କଲ୍ୟାଣ କ୍ଲବ୍‌ର ସଭାପତି ଲୁଲୁ ସାହୁ, ସମ୍ପାଦକ ପ୍ରଭାତ ରଞ୍ଜନ ସାହୁ, ବିଜୁ ଯୁବବାହିନୀର ପୀତବାସ ସାହୁଙ୍କ ନେତୃତ୍ୱରେ ଖେଳ ଆୟୋଜିତ ହୋଇଥିଲା।

# କଇଁଛପଦାରେ କୂର୍ମନାରାୟଣ ମେଳା

**ଛେଣ୍ଡିପଦା, ୧୨।୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ୍ କମ୍ପସଲା ପଞ୍ଚାୟତର କଇଁଛପଦା ଗ୍ରାମ ଠାରେ ଶ୍ରୀ ରଙ୍ଗନାଥ କୂର୍ମନାରାୟଣ ମନ୍ଦିର ପରିସରରେ କୂର୍ମ ମେଳା ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦ ରାଜଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସକାଳୁ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ଅନୁଗୋଳ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାକ୍ତନ ଅଧ୍ୟକ୍ଷ ବିଭୂତିଭୂଷଣ ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ କୋଶଳା କଲେଜ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ରୁଦ୍ରନାରାୟଣ ସିଂ, ମହେନ୍ଦ୍ର ଜଗଦେବ, ମୁଖ୍ୟବକ୍ତା ଖୋର୍ଦ୍ଧା ଅଞ୍ଚଳର ଡ. ଗୁରୁପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଧର୍ମବୀର ରାଷ୍ଟ୍ରବାଦୀ ବନବିହାରୀ ପଟ୍ଟନାୟକ, ଅନୁଗୋଳ ପ୍ରାଧ୍ୟାପକ ଡ. ଅକ୍ଷୟ କୁମାର ପଣ୍ଡା, ଅନୁଗୋଳ ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ, ବିରଞ୍ଚି ଶତପଥୀ, ପାବକ ଗଡନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଫସଲବୀମା ଯୋଜନା ସମନ୍ୱୟ କମିଟି ବୈଠକ



**ଅନୁଗୋଳ ଅଫିସ, ୧୨।୨**

ଅନୁଗୋଳର ନୂଆ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଖରିଫ ଓ ରବି ଋତୁ ପାଇଁ ଅଣଋଣୀ ଚାଷୀଙ୍କ ସଂଖ୍ୟା ବଢ଼ାଇବାକୁ ବୈଠକରେ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ଶୀତଦିନିଆ ଧାନ କଟାର ଫଳାଫଳ ସମ୍ପର୍କରେ ଆଲୋଚନା କରାଯାଇ ଏହାକୁ ଜିଲାପାଳଙ୍କ ଦ୍ୱାରା ଅନୁମୋଦନ କରାଯାଇଥିଲା। ଖୁବ୍‌ଶୀଘ୍ର ଏହାକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ଜିଲାରେ କେତେ ଋଣୀ ଓ କେତେ ଅଣଋଣୀ ଚାଷୀ ବୀମାଭୁକ୍ତ ହୋଇଛନ୍ତି ଜିଲାପାଳ ତାହା ଜାଣିବାକୁ ଚାହିଁଥିଲେ। ଖରିଫରେ ୮୬ ହଜାର ୭୨୧ ଜଣ ଋଣୀ ଚାଷୀ ବୀମା ପାଇଁ ସମବାୟ ବ୍ୟାଙ୍କ ମାଧ୍ୟମରେ ଆବେଦନ କରିଥିବାବେଳେ ୪୫୩୦ ଅଣଋଣୀ ଚାଷୀ ଆବେଦନ କରିଥିବା ଉପକୃଷି ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ କୃଷି ଓ ଆନୁସଙ୍ଗିକ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ରାଜ୍ୟରେ ପ୍ରତିଷ୍ଠା ହେବ ୨୦୦ ଅଣ୍ଡାଦିଆ କୁକୁଡ଼ା ଫାର୍ମ

**ଭୁବନେଶ୍ୱର, ୧୨।୨(ବ୍ୟୁରୋ)**




ଅଣ୍ଡାଦିଆ କୁକୁଡ଼ା ପାଳନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳାରେ ମଞ୍ଚାସୀନ ଅତିଥି।

ଭାରତରେ ବାର୍ଷିକ ମୁଣ୍ଡପିଛା ୬୯ଟି ଅଣ୍ଡା ଉପଲବ୍ଧ ହେଉଥିବା ବେଳେ ଓଡ଼ିଶାରେ ମୁଣ୍ଡପିଛା ୪୬ଟି ଅଣ୍ଡା ଉପଲବ୍ଧ ହେଉଛି। ବର୍ଦ୍ଧିତ ଜନସଂଖ୍ୟା ଏବଂ ବିଦ୍ୟାଳୟ ମଧ୍ୟାହ୍ନଭୋଜନରେ ଅଣ୍ଡା ଦିଆଯାଉଥିବା ହେତୁ ରାଜ୍ୟରେ ଦିନକୁ ୮୦ଲକ୍ଷ ଅଣ୍ଡାର ଆବଶ୍ୟକତା ରହିଛି। କିନ୍ତୁ ଏବେ ୬୪ଲକ୍ଷ ଅଣ୍ଡା ଉତ୍ପାଦିତ ହେଉଥିବା ପ୍ରାଣୀ ସମ୍ପଦ ଓ ପ୍ରାଣୀ ପାଳନ ନିର୍ଦ୍ଦେଶକ ରତ୍ନାକର ରାଉତ କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଅଣ୍ଡାଦିଆ କୁକୁଡ଼ା ପାଳନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳାରେ ଯୋଗଦେଇ ସେ ଏହା କହିଛନ୍ତି।

ରାଜ୍ୟରେ ଆବଶ୍ୟକ ଅଣ୍ଡା ଉତ୍ପାଦନ ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ପରିପ୍ରେକ୍ଷୀରେ ଗ୍ରାମୀଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଛୋଟ ଛୋଟ ୨୦୦ଟି ଅଣ୍ଡାଦିଆ କୁକୁଡ଼ା ଫାର୍ମ ପ୍ରତିଷ୍ଠା କରାଯିବ। ଏଥିପାଇଁ ୯୦ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି, ଯାହାମଧ୍ୟରୁ ସରକାର ପ୍ରତ୍ୟେକ ଫାର୍ମ ପିଛା ୫୪ହଜାର ଟଙ୍କାର ରିହାତି ବ୍ୟବସ୍ଥା କରିଛନ୍ତି। ଅବଶିଷ୍ଟ ୪୦ଭାଗ ଅର୍ଥାତ୍ ୩୬ହଜାର ଟଙ୍କା ଗୋଷ୍ଠୀ ନିଜସ୍ୱ ପାଣ୍ଠି କିମ୍ବା ବ୍ୟାଙ୍କଋଣ ମାଧ୍ୟମରେ ଫାର୍ମ ପ୍ରତିଷ୍ଠା କରିପାରିବେ। ଏହାଦ୍ୱାରା ପ୍ରତିଦିନ ପ୍ରାୟ ୨ଲକ୍ଷ ଅଣ୍ଡା ଉତ୍ପାଦନ ହୋଇପାରିବ। ୨୦୨୧-୨୨ ଆର୍ଥିକ ବର୍ଷ ସୁଦ୍ଧା ଦୈନିକ ପାଖାପାଖି ୯୦ଲକ୍ଷ ଅଧିକ ଅଣ୍ଡା ଉତ୍ପାଦନ ହୋଇପାରିବ। ଏଥିନିମନ୍ତେ ପ୍ରତି ମହିଳା ଗୋଷ୍ଠୀଙ୍କୁ କୁକୁଡ଼ା ପାଳନ ନିମନ୍ତେ ତାଲିମ ପ୍ରଦାନର ବ୍ୟବସ୍ଥା କରାଯାଇଛି ବୋଲି ରତ୍ନାକର ରାଉତ ସୂଚନା ଦେଇଛନ୍ତି। କର୍ମଶାଳାରେ ମିଶନ ଶକ୍ତି କମିଶନର ତଥା ନିର୍ଦ୍ଦେଶକ ସୁଜାତା ଆର୍. କାର୍ତ୍ତିକେୟନ୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ, କୃଷକମାନଙ୍କ ଆୟକୁ ବହୁଗୁଣିତ କରିବା ଦିଗରେ ଗୋପାଳନ, କୁକୁଡ଼ା ପାଳନ, ମତ୍ସ୍ୟଚାଷ ଆଦି ଆନୁଷଙ୍ଗିକ କୃଷିର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଣ୍ଡାଦିଆ କୁକୁଡ଼ା ପାଳନ ଦ୍ୱାରା ଗ୍ରାମାଞ୍ଚଳ ଲୋକଙ୍କର ପୁଷ୍ଟିସାର ଆବଶ୍ୟକତା ପୂରଣ ହେବା ସାଙ୍ଗକୁ କ୍ଷୁଦ୍ର ଓ ଅତି କ୍ଷୁଦ୍ର ଚାଷୀ ଏବଂ ମହିଳା ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ। ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଅଣ୍ଡାଜାତୀୟ ପୁଷ୍ଟିସାର ଖାଦ୍ୟର ଆବଶ୍ୟକତା ଥିବାବେଳେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା କୁକୁଡ଼ା ଫାର୍ମର ଉତ୍ପାଦିତ ଅଣ୍ଡାକୁ ବିଦ୍ୟାଳୟ ମଧ୍ୟାହ୍ନଭୋଜନରେ ଦିଆଯାଇପାରିବ। ସେହିଭଳି ଏହି ପ୍ରକଳ୍ପ ମାଧ୍ୟମରେ ୨୦୧୮-୧୯ ବର୍ଷରେ ରାଜ୍ୟରେ ୧୬୦୦ ଗ୍ରାମୀଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚୟନ କରାଯାଇ ଅଣ୍ଡାଦିଆ କୁକୁଡ଼ା ଫାର୍ମ ପ୍ରତିଷ୍ଠା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ୪ ବର୍ଷ ମଧ୍ୟରେ ୭୦୦୦ ଗୋଷ୍ଠୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଏହାଦ୍ୱାରା ମହିଳାମାନେ ଘରେ ରହି କାମ କରିବାର ସୁବିଧା ପାଇପାରିବେ ବୋଲି କାର୍ତ୍ତିକେୟନ୍ କହିଥିଲେ।

କର୍ମଶାଳାରେ ଆପିକଲର ପରିଚାଳନା ନିର୍ଦ୍ଦେଶକ ଡ. ଶୁଭେନ୍ଦୁ ଶେଖର ଦେ, ମିଶନ ଶକ୍ତି ଯୁଗ୍ମ ସଚିବ ସୁଧାଂଶୁ ଶେଖର ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇ ରାଜ୍ୟରେ ଅଣ୍ଡାର ଚାହିଦା ସବୁବେଳେ ରହିଛି ଓ ପ୍ରତିଦିନ ଏହା ବୃଦ୍ଧି ପାଉଛି ବୋଲି କହିଥିଲେ। ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ସହ ଜିଲାସ୍ତରୀୟ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ମାଘ ସପ୍ତମୀ ମେଳା

**ବଅଁରପାଳ, ୧୨।୨ (ଡି.ଏନ୍.ଏ)**

ବଅଁରପାଳ ବ୍ଲକ କାଣ୍ଡସର ସ୍କୁଲ ସାହି ନିକଟରେ ମାଘ ସପ୍ତମୀ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସଯାତ୍ରା, ହୋମଯଜ୍ଞ, ନାମ ସଂକୀର୍ତ୍ତନ, ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳରୁ ୨୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ବିଭିନ୍ନ ବାଦ୍ୟ ବାଜଣା ସହକାରେ ଭଗବତ ଠାକୁରଙ୍କୁ ମେଳାସ୍ଥଳୀକୁ ଅଣାଯାଇଥିଲା। ଏଥିରେ ଗ୍ରାମବାସୀ ଓ ମେଳା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।



ଶୋଭାଯାତ୍ରାରେ ଠାକୁରଙ୍କୁ ପରିକ୍ରମା କରାଯାଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ୧୩ ଫେବୃୟାରୀ / ୨୦୧୯ Dhenkanal, Wednesday February 13 / 2019

## ସଂକ୍ଷେପରେ

### କାର୍ଯ୍ୟାଦେଶ ବଣ୍ଟନକୁ ନେଇ ଉତ୍ତେଜନା



**ହିନ୍ଦୋଳ, ୧୨।୨(ଡି.ଏନ.ଏ.):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନକୁ ନେଇ ହିନ୍ଦୋଳ ଏନ୍‌ଏସି କାର୍ଯ୍ୟାଳୟରେ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଛି। ଏନ୍‌ଏସି ଅଧକ୍ଷା ରୀନା ବେହେରାଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନ୍‌ଏସି ପକ୍ଷରୁ ଶନିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେତେଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଅନ୍ୟ ହିତାଧିକାରୀଙ୍କୁ ମଙ୍ଗଳବାର କାର୍ଯ୍ୟାଦେଶ ଦେବାକୁ ଘୋଷଣା କରାଯାଇଥିଲା। ତଦନୁଯାୟୀ ଏନ୍‌ଏସି ଅନ୍ତର୍ଗତ ୧୬ଟି ୱାର୍ଡରୁ ଶତାଧିକ ଆଶାୟୀ ପୂର୍ବାହ୍ନ ୧୦ଟାରେ କାର୍ଯ୍ୟାଳୟରେ ରୁଣ୍ଡ ହୋଇଥିଲେ। ତେବେ ଦୁଇଘଣ୍ଟା ଅପେକ୍ଷା କରିବା ପରେ କାର୍ଯ୍ୟାଦେଶ ମିଳିବ ନାହିଁ ବୋଲି କୁହାଯାଇଥିଲା। କାର୍ଯ୍ୟାଦେଶ ପ୍ରସ୍ତୁତି ହୋଇପାରି ନ ଥିବା ସଫେଇ ଦେଇଥିଲେ ଏନ୍‌ଏସି କର୍ତ୍ତୃପକ୍ଷ। ଏହାକୁ ନେଇ ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏନ୍‌ଏସି ଅଧକ୍ଷା ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ବୁଧବାରଠାରୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା।

### ଅଷ୍ଟପ୍ରହର ନାମଯଜ୍ଞ



**ଭୁବନ, ୧୨।୨(ଡି.ଏନ୍.ଏ.):** ଭୁବନ ବ୍ଲକ ଭୂଷଳସ୍ଥିତ ଲୋକନାଥ ମନ୍ଦିର ପରିସରରେ ରବିବାରଠାରୁ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଦିବସରେ ଘଟସ୍ଥାପନ, ସୂର୍ଯ୍ୟପୂଜା, ହରିନାମ ସଂକୀର୍ତ୍ତନ ସହ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ଅଞ୍ଚଳର ୨୭ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ସୁନାକର ସାହୁ, ଲିଙ୍ଗରାଜ ମାହୁନ୍ତ, ବୀରବର ଖୁଣ୍ଟିଆ, ସଞ୍ଜୟ ଦାସଙ୍କ ସମେତ ଅଞ୍ଚଳବାସୀ ଏହାକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ସହର ପରିକ୍ରମା କରାଯାଇଥିଲା। ଏହାକୁ ନେଇ ଗ୍ରାମ୍ୟ ପରିବେଶରେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।

### ପାଟଲା ସ୍କୁଲର ବାର୍ଷିକ ଉତ୍ସବ

**ହିନ୍ଦୋଳ, ୧୨।୨(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ପାଟଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଆୟୋଜିତ ସମାରୋହରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ବିରଞ୍ଚି ନାରାୟଣ ସାହୁ, ପାଟଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ଧନେଶ୍ୱର ସାହୁ, ଶିକ୍ଷୟିତ୍ରୀ ଅଞ୍ଜଳି ତରାଇ, ଖବରକାଗଜ ବିତରକ ବିକାଶ ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ବରିଷ୍ଠ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା




**କାମାକ୍ଷାନଗର, ୧୨।୨(ଡି.ଏନ.ଏ.):** କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ବରିଷ୍ଠ ଛାତ୍ରୀଛାତ୍ରଙ୍କୁ ସୋମବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ୮ମ ଏବଂ ୯ମ ଶ୍ରେଣୀର ପିଲାମାନେ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସହକାରୀ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳ, କବିତା ରାଉତ, ପ୍ରହ୍ଲାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୪ରେ କପିଳାସ ଜାଗରଯାତ୍ରା

- ରାତି ୩ଟା ୫୦ରେ ଉଠିବ ମହାଦୀପ
- ଅଲଗା ହେବ ପ୍ରବେଶ, ପ୍ରସ୍ଥାନ ପଥ
- ପାର୍କିଂ ଫି' ବାବଦରେ ରହିବ ସ୍ୱଷ୍ଟ ସୂଚନା

**ଢେଙ୍କାନାଳ ଅଫିସ, ୧୨।୨**



କପିଳାସ ଜାଗରଯାତ୍ରା ପ୍ରସ୍ତୁତି ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ମାର୍ଚ୍ଚ ୪ରେ ଅନୁଷ୍ଠିତ ହେବ ମହାଜାଗର ଯାତ୍ରା। ଏହାକୁ ଶୃଙ୍ଖଳିତ କରିବାକୁ ଅଣ୍ଟା ଭିଡ଼ିଛି ଜିଲା ପ୍ରଶାସନ। ଏ ନେଇ ମଙ୍ଗଳବାର ଅପରାହ୍ନ ୪ଟାରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଏଥିରେ ଅଧ୍ୟକ୍ଷତା କରିବା ସହ ଜାଗରଯାତ୍ରାକୁ ସୁଚାରୁରୂପେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରାଜପୁରୋଧା ପଞ୍ଚାନନ ମିଶ୍ରଙ୍କ ଅନୁମୋଦିତ ସମୟ ନିର୍ଘଣ୍ଟ ଅନୁଯାୟୀ, କପିଳାସ କ୍ଷେତ୍ରାଧିପତି ଶ୍ରୀଚନ୍ଦ୍ରଶେଖ ଜୀଉଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯିବା ପରେ ରାତି ୩ଟା ୫୦ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ। ପ୍ରାତଃ ୪ଟା ୨୫ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି ସୂଚନା ଦିଆଯାଇଛି।

ଚଳିତବର୍ଷ ସୋମବାର ମହାଶିବରାତ୍ରି ପଡୁଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ଭିଡ଼ ପରିଚାଳନା ଲାଗି ପୀଠ ପରିସରରେ ପୃଥକ୍ ପ୍ରବେଶ ଏବଂ ପ୍ରସ୍ଥାନ ପଥ କରାଯିବ। ମନ୍ଦିର ପରିସର, ପୀଠ ପାଦଦେଶରେ ବିଭିନ୍ନ ଯାନବାହନ ଲାଗି ଅଲଗା ଅଲଗା ପାର୍କିଂ ଫି' ନିର୍ଦ୍ଧାରଣ କରାଯାଇଛି। ଏହାକୁ ସୂଚନା ଫଳକ ମାଧ୍ୟମରେ ପ୍ରଦର୍ଶିତ କରାଯିବ। ବେଆଇନ ଭାବେ ପାର୍କିଂ ଫି' ଆଦାୟ କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରଦ୍ଧାଳୁଙ୍କ ସୁବିଧା ଲାଗି ପର୍ଯ୍ୟାପ୍ତ ଆଲୋକୀକରଣ, ଅଧିକ ଟ୍ରାନ୍ସଫର୍ମର, ବିଦ୍ୟୁତ୍‌କାଟ୍‌ରୁ ରକ୍ଷା ଲାଗି ଜେନେରେଟର, ଅଗ୍ନିନିର୍ବାପନ, ଆଶୁଚିକିତ୍ସା, ପରିମଳ ପରିଚାଳନା ଲାଗି ଡଷ୍ଟବିନ୍ ବ୍ୟବସ୍ଥା କରାଯିବ। ବଡ଼ଦାଣ୍ଡରେ ଉଠାଦୋକାନକୁ ଅନୁମତି ଦିଆଯିବ ନାହିଁ। ମାଦକଦ୍ରବ୍ୟ, ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ ହେବ। ପୋଲିସ ଏବଂ ସ୍ନେକ୍ ହେଲପ୍‌ଲାଇନ ଦଳ ମୁତୟନ ହେବେ। ଆସନ୍ତା ୧୦ଦିନ ମଧ୍ୟରେ ଅସ୍ଥାୟୀ ଶୌଚାଳୟ ନିର୍ମାଣ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୫୫ଲକ୍ଷ ଟଙ୍କା ବ୍ୟୟରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ନିର୍ମାଣାଧୀନ ପ୍ରକଳ୍ପକୁ ମାର୍ଚ୍ଚ ପୂର୍ବରୁ ଶେଷ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଚଳିତବର୍ଷ ଜିଲା ସଂସ୍କୃତି ପରିଷଦ ପକ୍ଷରୁ କପିଳାସ ପାଦଦେଶରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସିସିଟିଭି କ୍ୟାମେରା ରେକର୍ଡିଂ ସହ ଭିଡିଓ ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରାଯିବ। ଏସ୍‌ପି ସନ୍ତୋଷ ନାୟକ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ନୂତନ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଏସ୍‌ଡିପିଓ ଶେଖ୍ ଅବଦୁଲ କରିମ୍, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଅଗ୍ନିଶମ ଅଧିକାରୀ ଉମାକାନ୍ତ ନାୟକ, ସେସୁ ନିର୍ବାହୀଯନ୍ତ୍ରୀ ସ୍ୱପ୍ନସରିତ ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ ନାୟକ, ଥାନାଧିକାରୀ ନିରୁପମା ଜେନା, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, କପିଳାସ ରେଞ୍ଜର ଦର୍ଶନିଆ ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

- ବଢ଼ିବ ବୁଢେଶ୍ୱର ଶୈବପୀଠର ସୌନ୍ଦର୍ଯ୍ୟ

# ୩ ଏକର ଜମିରେ ହେବ ଉଦ୍ୟାନ



**ଭୁବନ, ୧୨।୨(ଡି.ଏନ୍.ଏ.)**

- ଖର୍ଚ୍ଚ ହେବ ୫୦ ଲକ୍ଷ ଟଙ୍କା
- ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ଐତିହ୍ୟସମ୍ପନ୍ନ ବୁଢେଶ୍ୱର ଶୈବପୀଠର ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଉଦ୍ୟମ। ମନ୍ଦିର ପରିସରରେ ଥିବା ସରକାରୀ ଜମିରେ ଏକ ମନୋରମ ଉଦ୍ୟାନ କରାଯିବ। ୩ ଏକର ପରିମିତ ଜମିରେ ପ୍ରସ୍ତାବିତ ଉକ୍ତ ଉଦ୍ୟାନ ଲାଗି ଖର୍ଚ୍ଚ ହେବ ୫୦ ଲକ୍ଷ ଟଙ୍କା। ଏଥିଲାଗି ମଙ୍ଗଳବାର ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ନିର୍ଦ୍ଦେଶରେ ତହସିଲଦାର ଶକ୍ତିକାନ୍ତ ରାୟ, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ, ଆର୍‌ଆଇ ଶ୍ରୀକାନ୍ତ ପରିଡ଼ା, ଥାନାଧିକାରୀ ପ୍ରମୋଦ ଲେଙ୍କା, ବରିଷ୍ଠ କର୍ମକର୍ତ୍ତା ଶ୍ରୀଧର ବେହେରା, କୁଞ୍ଜବିହାରୀ ଚିନାରା, ସୁରେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଜାଗା ଚିହ୍ନଟ କରିଥିଲେ।

ଏ ନେଇ ନିର୍ବାହୀ ଅଧିକାରୀ କୁହନ୍ତି, ଶୈବପୀଠରେ ପଶ୍ଚିମ ପାର୍ଶ୍ୱରେ ଥିବା ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଜାଗା ବିବାଦ ସମାଧାନ ପରେ ଏନ୍‌ଏସି ପକ୍ଷରୁ ଉଦ୍ୟାନ ନିର୍ମାଣ ଆରମ୍ଭ ହେବ। ଉଦ୍ୟାନ ନିର୍ମାଣ ପରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ସୁଯୋଗ ମିଳିବ। ରାଜସ୍ୱ ଆଦାୟ ବଢ଼ିବ ବୋଲି ସେ ସୂଚନା ଦେଇଛନ୍ତି।

# ଓଜନରେ ଧାନ ଚଳୁ

**ଭୁବନ, ୧୨।୨(ଡି.ଏନ୍.ଏ.)**

- **ଚାଷୀ ଧରିଲେ ଠକେଇ**
- ଭୂଷଳ ମଣ୍ଡିରେ ଉତ୍ତେଜନା
- ଅତିରିକ୍ତ ଟଙ୍କା ଫେରାଇଲେ


ଭୂଷଳ ମଣ୍ଡିରେ ଧାନ ପଡ଼ିଛି।

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୂଷଳ ସେବା ସମବାୟ ମଣ୍ଡିରେ ଧାନ ଓଜନରେ ବଡ଼ଧରଣର ଠକେଇ ପଦାକୁ ଆସିଛି। କମ୍ପ୍ୟୁଟର ଓଜନ ମେଶିନକୁ ଅପବ୍ୟବହାର କରି କୁଇଣ୍ଟାଲ ପିଛା ହାରାହାରି ୪ କେଜି ଧାନ ଅଧିକ ନିଆଯାଉଥିଲା। ଚାଷୀମାନେ ଏହାକୁ ଧରିବା ପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଅନ୍ୟପଟେ ଆର୍‌ଏମ୍‌ସି ପକ୍ଷରୁ ଯୋଗାଇ ଦିଆଯାଇଥିବା ଓଜନ ମେଶିନରେ ଏପରି ତ୍ରୁଟିକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଚାଷୀ। ମିଲରଙ୍କ ସହ ସଲାସୁତରା କରି ଏପରି ଠକେଇ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ଦୋଷୀ ଧରାପଡ଼ିବେ ବୋଲି ସେମାନେ କହିଛନ୍ତି।

ଦଦରାଘାଟି ଅଞ୍ଚଳର ଭୂତିଆ ମିଲର ମଙ୍ଗଳବାର ମଣ୍ଡିରେ ଧାନ କିଣୁଥିଲେ। ଆର୍‌ଏମ୍‌ସି ପକ୍ଷରୁ ଯୋଗାଇ ଦିଆଯାଉଥିବା ଓଜନ ମେଶିନରେ ଧାନ ମାପ କରାଯାଉଥିଲା। ୧୧ ଚାଷୀଙ୍କ ୪୮୫ ବସ୍ତା ଧାନ (୨୧୫ କୁଇଣ୍ଟାଲ) କିଣାଯାଇ ଟ୍ରକ୍‌ରେ ଲୋଡ୍ କରାଯାଇଥିଲା। ହେଲେ ଧାନ ଓଜନକୁ ନେଇ ଚାଷୀ ସୁଶାନ୍ତ ଦାସ ପ୍ରଶ୍ନ କରିଥିଲେ। ସେ ପୂର୍ବରୁ ଘରୁ ଧାନ ଓଜନ କରି ଆଣିଥିଲେ। ହେଲେ ମଣ୍ଡିରେ ହୋଇଥିବା ଓଜନରେ ଫରକ ଆସିଥିଲା। ଏହାକୁ ନେଇ ସନ୍ଦେହ ହେବାରୁ ଚାଷୀମାନେ ଅନ୍ୟ ଜାଗାରୁ ମେଶିନ ଆଣି ଧାନ ଓଜନ କରିଥିଲେ। ଏହାପରେ ପ୍ରତିବସ୍ତାରେ ୪ କେଜି ଲେଖାଏ ଧାନ କମ୍ ଦର୍ଶାଯାଇଥିବା ଜଣାପଡ଼ିଥିଲା। ଏଥିରେ ଚାଷୀମାନେ ଉତ୍‌କ୍ଷିପ୍ତ ହୋଇ ଧାନ ବୋଝେଇ ଟ୍ରକ ଅଟକ ରଖିଥିଲେ। ଅନିୟମିତତା ସମ୍ପର୍କରେ ସେବା ସମବାୟ ସମିତି ସମ୍ପାଦକ ସୁଶାନ୍ତ କୁମାର ନାୟକ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବାପରେ ବଡ଼ସୁଆଁଳ ଆର୍‌ଏମ୍‌ସି ଗୋଦାମରେ ଟ୍ରକ୍‌କୁ ଓଜନ କରାଯାଇଥିଲା। ଉକ୍ତ ଗାଡ଼ିରେ ୨୦ କୁଇଣ୍ଟାଲ ଧାନ ଅଧିକ ଥିବା ଜଣାପଡ଼ିଥିଲା ଏବଂ ତ୍ରୁଟିପୂର୍ଣ୍ଣ ଭାବେ ଓଜନ କରାଯାଇଥିବା ସ୍ପଷ୍ଟ ହୋଇଥିଲା।

ଏ ନେଇ ସମ୍ପାଦକ କୁହନ୍ତି, ସମ୍ପୃକ୍ତ ମିଲର ଏଠାରୁ ବହୁବାର ଧାନ କିଣିଛନ୍ତି। ପୂର୍ବରୁ ଏଭଳି ତ୍ରୁଟି ହୋଇଥିବା ଅନୁମାନ କରାଯାଉଛି। ଏହାର ନିରପେକ୍ଷ ତଦନ୍ତ କରାଗଲେ ବହୁ ଅନିୟମିତତା ପଦାକୁ ଆସିବ ବୋଲି ସେ କହିଛନ୍ତି। ଏ ନେଇ କାମାକ୍ଷାନଗର ଉପଖଣ୍ଡ ଆର୍‌ଏମ୍‌ସି ସମ୍ପାଦକ ରବିନାରାୟଣ ସାହୁ କୁହନ୍ତି, ଧାନ ଓଜନରେ ତ୍ରୁଟି ହୋଇଥିବା ଅଭିଯୋଗ ଆସିବା ପରେ ଟ୍ରକ୍‌କୁ ଓଜନ କରାଯାଇଥିଲା। ଚାଷୀଙ୍କ ମଧ୍ୟରେ ଆପୋସ ଆଲୋଚନା ପରେ ୨୦ କୁଇଣ୍ଟାଲ ଧାନ ବାବଦ ଅତିରିକ୍ତ ଅର୍ଥ ବାଣ୍ଟି ଦିଆଯାଇଛି। ସମସ୍ୟାର ସମାଧାନ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

# ପଦବୀ ଫେରିପାଇଲେ ୱାର୍ଡସଭ୍ୟା

**ହିନ୍ଦୋଳ, ୧୨।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲାଜଜ୍‌ଙ୍କ ନିର୍ଦ୍ଦେଶ ପରେ ହିନ୍ଦୋଳ ବ୍ଲକ ଗିରିଧରପ୍ରସାଦ ପଞ୍ଚାୟତ ଅଧୀନ ୧୦ନଂ. ୱାର୍ଡସଭ୍ୟା ପ୍ରମିଳା ରାଉତ ପଦବୀ ଫେରିପାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରମିଳା ୱାର୍ଡସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ହେଲେ ତାଙ୍କର ୩ଜଣ ସନ୍ତାନ ଥିବାନେଇ ଅନ୍ୟ ଜଣେ ୱାର୍ଡ ସଭ୍ୟା ରୁନୁବାଳା ନାୟକ ହିନ୍ଦୋଳ କୋର୍ଟରେ ମାମଲା (ନଂ. ୧୧/୧୭) ଦାଏର କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ପ୍ରମିଳା ଜିଲା କୋର୍ଟରେ ଅପିଲ କରିଥିଲେ। ଜିଲା ଜଜ୍ ଟି.ପି. ରଥ ଏହାର ବିଚାର କରି ତଳକୋର୍ଟଙ୍କ ଆଦେଶକୁ ରଦ୍ଦ କରିଛନ୍ତି। ଏଥିସହ ପ୍ରମିଳାଙ୍କ ପଦବୀ ସୁରକ୍ଷିତ ଥିବା ରାୟରେ ଉଲ୍ଲେଖ କରିଛନ୍ତି। ରାୟ ପ୍ରକାଶ ପରେ ପ୍ରମିଳା ଏବଂ ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# 'ମନୋବୃତ୍ତି ବଦଳିଲେ ଶୀର୍ଷକୁ ଯାଇହେବ'


ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୨।୨**

ଢେଙ୍କାନାଳ ଲକ୍ଷ୍ମୀଧର ମ୍ୟୁନିସିପାଲ (ଏଲ୍‌ଏମ୍) ହାଇସ୍କୁଲର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମନୋବୃତ୍ତିରେ ପରିବର୍ତ୍ତନ ଆସିଲେ ଜଣେ ଶୀର୍ଷସ୍ଥାନକୁ ଯାଇପାରିବ। ଶିକ୍ଷାବିତ୍ ସାନ୍ତ୍ୱନା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁର ବିକାଶରେ ମା'ର ଭୂମିକା ସମ୍ପର୍କରେ ବୁଝାଇଥିଲେ। ପୂର୍ବତନ ନଗରପାଳ ଶ୍ରୀଧର ସାହୁ, ଶିକ୍ଷାବିତ୍ ଅଭୟ ଚରଣ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ୧୦ମ ଶ୍ରେଣୀର ଭୂଦେବ ଦାସଙ୍କୁ ଶ୍ରେଷ୍ଠ ଛାତ୍ର ଭାବେ ସଞ୍ଜୟ ସୌମିତ ମେମୋରିଆଲ ଟ୍ରଫି ସହ ୫୦୦ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ଗତବର୍ଷ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଆଶିଷ ପାଣିଗ୍ରାହୀ, ଛାତ୍ରୀ ହାନା ବିବିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର, ଶିକ୍ଷୟିତ୍ରୀ ଉମା ଷଡ଼ଙ୍ଗୀ, ଚିତ୍ରାଞ୍ଜଳି ପତି, ନିଲୁଫର ଜାବିନ, ଘନଶ୍ୟାମ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ମୀନକେତନ ପରିଡ଼ା, ବିପିନ ବିହାରୀ ପାଲ, ଗୀତାଞ୍ଜଳି ମିଶ୍ର, ରଶ୍ମିରାଣୀ ଶତପଥୀ, ସଙ୍ଗୀତା ସାହୁ, ପ୍ରମିଳା ବେହେରା, ଅପରାଜିତା ସାହୁ, ପ୍ରଣତୀ ମିଶ୍ର, ମାମା ମିଶ୍ର, ଅକ୍ଷୟ ପଣ୍ଡା, ଅକାରଣ ପଣ୍ଡା, ବିଶ୍ୱନାଥ ବରାଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ବ୍ରିଟିଶ ପବ୍ଲିକ୍ ସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବ


କ୍ରୀଡ଼ା ଉତ୍ସବରେ ଛାତ୍ରୀଛାତ୍ର ଏବଂ ଅତିଥିମାନେ।

**ଢେଙ୍କାନାଳ ଅଫିସ,୧୨।୨**

ଢେଙ୍କାନାଳ ବ୍ରିଟିଶ ପବ୍ଲିକ ସ୍କୁଲର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ପାଦକ ଅଶ୍ୱିନୀ କୁମାର ପତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ମମତା ପତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କ୍ରୀଡ଼ା ଶୃଙ୍ଖଳା ଶିଖାଏ। ଏହା ପିଲାମାନଙ୍କ ମଧ୍ୟରେ ଶାରୀରିକ, ବୌଦ୍ଧିକ ବିକାଶ କରାଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାରେ ୧୨୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅଭିଭାବକଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ହୋଇଥିଲା। ଅଧ୍ୟକ୍ଷ ବିଦ୍ୟାଧର ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସୋନି ପାଣ୍ଡେ, ଦିପ୍ତୀ ସେନ୍, ଗିତାଞ୍ଜଳୀ ସାହୁ, ସାଗରିକା ବାରିକ, ମଧୁସ୍ମିତା ମିଶ୍ର, ଦ୍ରୌପଦୀ ସ୍ୱାଇଁ, ଶୁଭଶ୍ରୀ ମହାନ୍ତି, ମୋନାଲିସା ପରିଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ।

# ରୋଜଗାର ମେଳାରେ ବନ୍ଦ ପ୍ରଭାବ

**ଢେଙ୍କାନାଳ ଅଫିସ, ୧୨।୨**


ସିନର୍ଜି ଇଞ୍ଜିନିୟରିଂ କଲେଜରେ ଆୟୋଜିତ ରୋଜଗାର ମେଳା।

- ଦୀର୍ଘସମୟ ବିଳମ୍ବରେ ଆରମ୍ଭ ହେଲା
- ଆଶାୟୀଙ୍କ ସଂଖ୍ୟା ଆଶାତୀତ କମିଲା

ଭାଜପା ପକ୍ଷରୁ ବନ୍ଦ ଡାକରାର ପ୍ରଭାବ ରୋଜଗାର ମେଳା ଉପରେ ପଡ଼ିଛି। ଯାନବାହନ ଚଳାଚଳ ପ୍ରଭାବିତ ଯୋଗୁ ଆଶାୟୀଙ୍କ ସଂଖ୍ୟା ଆଶାତୀତ ଭାବେ କମ୍ ରହିଥିଲା। ସେହିପରି ପୂର୍ବାହ୍ନ ୧୦ଟା ପରିବର୍ତ୍ତେ ଦୀର୍ଘ ସମୟ ବିଳମ୍ବରେ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ। ଭାରତ ସରକାରଙ୍କ ଦକ୍ଷତା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଯୁବତୀଯୁବକଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟରେ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କେନ୍ଦ୍ରରେ ଭାଜପା ସରକାର ଏହାକୁ ପ୍ରୋତ୍ସାହିତ କରୁଛନ୍ତି। ହେଲେ ଏ ବିଷୟରେ ସମସ୍ତ ସୂଚନା ଥିବା ସତ୍ତ୍ୱେ ଜିଲାରେ ବନ୍ଦ ପାଳନକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ। ଅନ୍ୟପଟେ କେତେଜଣ ଭାଜପା କର୍ମୀ ବନ୍ଦ ପାଳନରେ ସାମିଲ ନ ହୋଇ ରୋଜଗାର ମେଳାରେ ବସିଥିଲେ, ଯାହା ଦଳୀୟ ମତଭେଦକୁ ପଦାରେ ପକାଇଛି।

ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜରେ ରୋଜଗାର ମେଳା ଆୟୋଜିତ ହୋଇଥିଲା। ଏଥିରେ ୨୦ କମ୍ପାନୀ ସମେତ ୨୦୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଯୋଗଦେବେ ବୋଲି ସୂଚନା ଦିଆଯାଇଥିଲା। ତେବେ ବନ୍ଦ ପାଳନ, ଗାଡ଼ିମୋଟର ଠପ୍ ହୋଇଯିବା କାରଣରୁ ଅପରାହ୍ନ ୧ଟା ସୁଦ୍ଧା ମାତ୍ର ୪୦୦ ଯୁବତୀଯୁବକ ଏବଂ ୧୭ କମ୍ପାନୀ ପହଞ୍ଚି ପାରିଥିଲେ। ଏହାକୁ ନେଇ ଦୂରଦୂରାନ୍ତରୁ ଆସିଥିବା ଆଶାୟୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। କେନ୍ଦ୍ରୀୟ ଯୋଜନାକୁ ସ୍ଥାନୀୟ ନେତୃବୃନ୍ଦ ଗୁରୁତ୍ୱ ଦେଉ ନ ଥିବାରୁ ଆଗାମୀ ଦିନରେ ଦଳ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି ସହରରେ ଆଲୋଚନା ହେଉଛି।

ଏ ନେଇ ମେଳାରେ ଉପସ୍ଥିତ ପୂର୍ବତନ ଭାଜପା ଜିଲା ସଭାପତି ଦୀପକ ପ୍ରସାଦ ପଟ୍ଟନାୟକ କୁହନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦକ୍ଷତା ବିକାଶ ମନ୍ତ୍ରଣାଳୟ ମାଧ୍ୟମରେ ରୋଜଗାର ମେଳା କରାଯିବାକୁ ବହୁପୂର୍ବରୁ ନିଷ୍ପତ୍ତି ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ଢେଙ୍କାନାଳରେ ଏହାର ଆୟୋଜନ କରାଯାଇଥିଲା। ଏଥିରେ ଢେଙ୍କାନାଳ ସମେତ ଅନ୍ୟ ୪ ଜିଲାର ବେକାର ଯୁବତୀଯୁବକ ଅଂଶଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଜିଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ପ୍ରତିବାଦ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ମଙ୍ଗଳବାର ରୋଜଗାର ମେଳା ଥିବାରୁ ଅନ୍ୟଦିନ ବନ୍ଦ ପାଳନ କରିଥିଲେ ମଧ୍ୟ ଚଳିଥାନ୍ତା। ଏ ନେଇ ଇଲେକ୍ଟ୍ରୋନିକ୍ ସେକ୍ଟର ସ୍କିଲ କାଉନସିଲ ଅଫ୍ ଇଣ୍ଡିଆ ଉପସଭାପତି ପୀୟୂଷ ଚକ୍ରବର୍ତ୍ତୀ କୁହନ୍ତି, ହଠାତ୍ ଷ୍ଟ୍ରାଇକ୍ ଯୋଗୁ ଛାତ୍ରୀଛାତ୍ର ବିଭିନ୍ନ ସ୍ଥାନରେ ଅଟକି ରହିଥିଲେ। କଲେଜ ପକ୍ଷରୁ ସେମାନଙ୍କୁ ଗାଡ଼ି ପଠାଇ ଅଣାଯାଇଥିଲା। ରୋଜଗାର ମେଳା ଆୟୋଜନରେ ସହାୟତା କରୁଥିବା ସିନର୍ଜି ଇଞ୍ଜିନିୟରିଂ କଲେଜ ପରିଚାଳନା ପରିଷଦ ଚେୟାରମ୍ୟାନ ବିନୋଦ ଦାଶ କୁହନ୍ତି, ୧୫ଦିନ ଆଗରୁ ରୋଜଗାର ମେଳା ସମ୍ପର୍କରେ ଭେନ୍ୟୁ ଦିଆଯାଇଥିଲା। ଦୁଇଦିନ ପୂର୍ବରୁ ମେଳା ଆୟୋଜନ ଦିବସରେ ବନ୍ଦପାଳନ ନ କରିବାକୁ ଅନୁରୋଧ କରାଯାଇଥିଲା। ବନ୍ଦ ଯୋଗୁ ଆଶାୟୀଙ୍କ ସଂଖ୍ୟା କମିଛି। ଆଉଥରେ ମେଳା କରାଯିବାକୁ ଉଦ୍ୟମ କରାଯିବ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ